# NATIONAL NEWS BULLETIN (ODIA)

**2 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ମହାରାଷ୍ଟ୍ରର ମାଓ ପ୍ରଭାବିତ ଅଞ୍ଚଳରେ ବହୁମୁଖୀ ବିକାଶ ସୁନିଶ୍ଚିତ କରିବା ଉଦ୍ଦେଶ୍ୟକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ।

- ଚଳିତବର୍ଷର ଜାତୀୟସ୍ତରୀୟ ଗଣତନ୍ତ୍ର ଦିବସ ପରେଡ ଓ ବିଟିଂ ରିଟ୍ରିଟ ସମାରୋହ ପାଇଁ ଟିକଟ ବିକ୍ରି ଆରମ୍ଭ ।

- ବିହାର ଏବଂ କେରଳର ନୂତନ ରାଜ୍ୟପାଳଙ୍କ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ।

- ୨୦୨୪-୨୫ ଆର୍ଥିକ ବର୍ଷରେ ୧୯୬କୋଟି କାର୍ଯ୍ୟଦିବସ ସୃଷ୍ଟି ହୋଇଥିବା କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ସୂଚନା ।

ଏବଂ

- ହକି ଇଣ୍ଡିଆ ଲିଗ୍‌ରେ ଆଜି ମୁହାଁମୁହିଁ ହେବେ ସୁର୍ମା ହକି କ୍ଲବ ଓ ୟୁପି ରୁଦ୍ରାସ ।

## ପିଏମ୍-ମହାରାଷ୍ଟ୍ର

ମହାରାଷ୍ଟ୍ର ସରକାରଙ୍କ ମାଓ ପ୍ରଭାବିତ ଅଞ୍ଚଳରେ ବହୁମୁଖୀ ବିକାଶ ସୁନିଶ୍ଚିତ କରିବା ଉଦ୍ୟମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଏହି ପ୍ରୟାସ ନିଶ୍ଚିତଭାବେ ଜୀବନଧାରଣର ସହଜତାକୁ ସୁଗମ କରିବାରେ ସହାୟକ ହେବା ସହ ଅଧିକ ପ୍ରଗତି କରିବା ପାଇଁ ପଥ ପ୍ରଦର୍ଶନ କରିବ ବୋଲି କହିଛନ୍ତି । ସେ ଗଡଚିରୋଲି ଏବଂ ଏହାର ଆଖପାଖ ଅଞ୍ଚଳର ଲୋକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ଗତକାଲି ଗଡଚିରୋଲିଠାରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିଶଙ୍କ ନିକଟରେ ୧୧ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ । ଶ୍ରୀ ଫଡନବିଶ କହିଥିଲେ, ଅଧିକରୁ ଅଧିକ ସଂଖ୍ୟକ ମାଓବାଦୀ ଆତ୍ମସମର୍ପଣ କରୁଥିବାରୁ ଆଗାମୀ ଦିନରେ ମହାରାଷ୍ଟ୍ର ମାଓବାଦୀଶୂନ୍ୟ ହେବ । ମୁଖ୍ୟମନ୍ତ୍ରୀ ଗଡଚିରୋଲି ଜିଲ୍ଲାର ୩୨ କିଲୋମିଟର ଦୀର୍ଘ ସଡ଼କପଥ ଓ ବସ୍ ସେବା ଉଦ୍‌ଘାଟନ କରିଥିଲେ ।

## ରିପବ୍ଲିକ୍ ଡେ ଟିକେଟ୍

ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଚଳିତ ବର୍ଷର ଜାତୀୟସ୍ତରୀୟ ଗଣତନ୍ତ୍ର ଦିବସ ପ୍ୟାରେଡ୍ ଏବଂ ବିଟିଂ ରିଟ୍ରିଟ୍ ସମାରୋହ ଲାଗି ଆଜିଠାରୁ ଟିକେଟ୍ ବିକ୍ରୟ ଆରମ୍ଭ ହୋଇଛି । ଏ ସମ୍ପର୍କରେ ସୂଚନା ଦେଇ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଏଥିଲାଗି ନୂଆଦିଲ୍ଲୀସ୍ଥିତ ସେନା ଭବନ, ଶାସ୍ତ୍ରୀଭବନ, ଯନ୍ତ୍ରମନ୍ତର, ପ୍ରଗତି ମଇଦାନ ଏବଂ ରାଜୀବ ଚୌକ୍ ମେଟ୍ରୋ

ଷ୍ଟେସନ୍‌ଠାରେ ଟିକେଟ୍ କାଉଣ୍ଟରମାନ ଖୋଲାଯାଇଛି । ଜନସାଧାରଣ ନିଜର ପରିଚୟ ପତ୍ର ଦେଖାଇ ସେଠାରୁ ଟିକେଟ୍ କିଣିପାରିବେ । ଗଣତନ୍ତ୍ର ଦିବସ ପ୍ୟାରେଡ୍ ସମାରୋହ ଲାଗି ଟିକେଟ୍‌ର ମୂଲ୍ୟ ୨୦ରୁ ୧୦୦ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଥିବାବେଳେ ବିଟିଂ ରିଟ୍ରିଟ୍ ଲାଗି ଟିକେଟ୍‌ର ଦାମ୍ ୨୦ ଟଙ୍କା ରହିଛି । ଏହାଛଡ଼ା ଜନସାଧାରଣ ଏଥିଲାଗି ଉଦ୍ଦିଷ୍ଟ ୱେବ୍‌ସାଇଟ୍ ଆମନ୍ତ୍ରଣ ଡଟ୍ ଏମ୍.ଓ.ଡି. ଡଟ୍ ଜି.ଓ.ଭି. ଡଟ୍ ଇନ୍ ଏବଂ ଆମନ୍ତ୍ରଣ ମୋବାଇଲ୍ ଆପ୍ ମାଧ୍ୟମରେ ମଧ୍ୟ ସିଧାସଳଖ ଟିକେଟ୍ କ୍ରୟ କରିପାରିବେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ବିହାର ଗଭର୍ଣ୍ଣର ଓଥ୍

ବିହାରର ୪୨ତମ ରାଜ୍ୟପାଳ ଭାବେ ଆରିଫ ମହମ୍ମଦ ଖାନ ଶପଥ ଗ୍ରହଣ କରିଛନ୍ତି । ଆଜି ପାଟନା ରାଜଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ କେ. ବିନୋଦ ଚନ୍ଦ୍ରନ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଓ ରାଜ୍ୟ ମନ୍ତ୍ରିମଣ୍ଡଳର ଅନ୍ୟାନ୍ୟ ସଦସ୍ୟ ସମେତ ବିରୋଧୀଦଳର ନେତା ତେଜସ୍ୱୀ ପ୍ରସାଦ ଯାଦବ ଉପସ୍ଥିତ ଥିଲେ । କେରଳର ପୂର୍ବତନ ରାଜ୍ୟପାଳ ଥିବା ଶ୍ରୀ ଖାନ୍ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କର ସ୍ଥାନରେ ବିହାରର ରାଜ୍ୟପାଳ ଭାବେ ଦାୟିତ୍ୱଗ୍ରହଣ କରିଛନ୍ତି ।

# କେରଳ-ରାଜେନ୍ଦ୍ର ଓଥ୍

ବିହାରର ପୂର୍ବତନ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ଆଜି କେରଳର ୨୩ତମ ରାଜ୍ୟପାଳ ଭାବେ ଶପଥଗ୍ରହଣ କରିଛନ୍ତି । ରାଜ୍ୟ ରାଜଭବନରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ କେରଳ ହାଇକୋର୍ଟର ମୁଖ୍ୟ ବିଚାରପତି ନୀତିନ ମଧୁକର ଜମଦାର ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ । ଶପଥଗ୍ରହଣ ସମାରୋହରେ ମୁଖ୍ୟମନ୍ତ୍ରୀ ପିନୋରାଇ ବିଜୟନ, ବିରୋଧୀଦଳ ନେତା ଭି.ବି. ସାଥୀସନ, ବାଚସ୍ପତି ଏ.ଏନ୍. ସମସୀର, ମନ୍ତ୍ରିମଣ୍ଡଳର ଅନ୍ୟାନ୍ୟ ସଦସ୍ୟ ଏବଂ ମୁଖ୍ୟ ଶାସନସଚିବ ପ୍ରମୁଖ ଉପସ୍ଥିତ ଥିଲେ । ଆଜି ସକାଳେ ଶ୍ରୀ ଆର୍ଲେକର ଥିରୁଅନନ୍ତପୁରମ ବିମାନବନ୍ଦରରେ ପହଞ୍ଚିବାପରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ ।

# ପିଏମ୍-ଓଏନ୍‌ଡିସି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଡିଜିଟାଲ ବ୍ୟବସାୟ ପାଇଁ ମୁକ୍ତ ନେଟୱର୍କ ବ୍ୟବସ୍ଥା - ଓଏନ୍‌ଡିସି କ୍ଷୁଦ୍ର ବ୍ୟବସାୟୀଙ୍କୁ ସଶକ୍ତ କରିବା ସହ ଇ-ବାଣିଜ୍ୟିକ ବ୍ୟବସ୍ଥାରେ ବିକାଶ କରିବାରେ ସହାୟକ ହେଉଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ବିକାଶ ଏବଂ ସମୃଦ୍ଧିକୁ ସୁଦୃଢ଼ କରିବାରେ ଏହା ପ୍ରମୁଖ ଭୂମିକା ନିର୍ବାହ କରୁଛି । ବାଣିଜ୍ୟମନ୍ତ୍ରୀ ପୀୟୁଷ ଗୋଏଲ କହିଛନ୍ତି ୨୦୨୧ ମସିହାରେ ମୋଦୀ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମୁକ୍ତ ନେଟୱର୍କ ଇ-କମର୍ସ ବ୍ୟବସ୍ଥା ଦେଶରେ ଇ-ବାଣିଜ୍ୟ ବ୍ୟବସ୍ଥାକୁ ସହଜ ଉପଲବ୍ଧ କରାଇଛି । ସେ କହିଛନ୍ତି ଗତ ୩ ବର୍ଷରେ ଏହି ବ୍ୟବସ୍ଥା କ୍ଷୁଦ୍ର ବ୍ୟବସାୟୀଙ୍କୁ ଏକ

ନିର୍ଦ୍ଦିଷ୍ଟ ସ୍ତରରେ ପହଞ୍ଚିବା ଲାଗି ସକ୍ଷମ କରିବା ସହ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଥିବା ଅନ୍ତରକୁ ଦୂର କରିବାରେ ସହାୟକ ହୋଇଛି ।

## ଟ୍ରେନ୍-ଡିଲେଡ

ଦେଶର ଉତ୍ତରାଞ୍ଚଳରେ ଘନକୁହୁଡି ଯୋଗୁଁ ଅଧିକାଂଶ ରେଳ ଚଳାଚଳରେ ବାଧା ସୃଷ୍ଟି ହୋଇଛି । ଭାରତୀୟ ରେଳବାଇ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦିଲ୍ଲୀରେ ପହଞ୍ଚବାକୁ ଥିବା ୪୩ଟି ଟ୍ରେନ୍ ୫ ଘଣ୍ଟା ବିଳମ୍ବରେ ଚାଲୁଛି । ଏହି ଟ୍ରେନ୍‌ଗୁଡ଼ିକ ମଧ୍ୟରେ ପଦ୍ମାବତୀ, କାଳୀନ୍ଦୀ, ଶ୍ରମଶକ୍ତି, ମହାବୋଧି, ଆଶ୍ରମ, ବିକ୍ରମଶିଳା ଏବଂ କୈଫିୟତ ଏକ୍ସପ୍ରେସ୍ ରହିଛି । ଯାତ୍ରୀମାନେ ଷ୍ଟେସନକୁ ଆସିବା ପୂର୍ବରୁ ଟ୍ରେନ୍ ଗୁଡ଼ିକର ନିର୍ଦ୍ଧାରିତ ସମୟ ଯାଞ୍ଚ କରି ଷ୍ଟେସନରେ ପହଞ୍ଚିବା ପାଇଁ ରେଳବାଇ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଏସ୍‌ସି-ଓୱେସି

ଦେଶରେ ପୂଜାସ୍ଥଳୀ ନିୟମ ଅନ୍ତର୍ଗତ କେତେକ ଘଟଣାର ବିଚାର ପାଇଁ ଦାୟର ହୋଇଥିବା ମାମଲାରେ ଏ.ଆଇ.ଏମ୍.ଆଇ.ଏମ୍ ଅଧ୍ୟକ୍ଷ ଅଶାଉଦ୍ଦୀନ ଓବେସିଙ୍କ ଦ୍ୱାରା ଆଗତ ମାମଲାକୁ ସଂଲଗ୍ନ କରିବା ଲାଗି ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିୟମ ଅନୁଯାୟୀ କୌଣସି ପୂଜାସ୍ଥଳୀର ପରିବର୍ତ୍ତନକୁ ପ୍ରତିବନ୍ଧିତ କରାଯାଇଛି ।

ପ୍ରଧାନ ବିଚାରପତି ସଂଜୀବ ଖାନ୍ନା ଏବଂ ଜଷ୍ଟିସ ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଶ୍ରୀ ଓବେସିଙ୍କ ଦ୍ୱାରା ଆଗତ ଆବେଦନକୁ ପୂର୍ବ ମାମଲାଗୁଡ଼ିକ ସହିତ ଏକତ୍ର

ବିଚାର କରିବା ଲାଗି ସୁପ୍ରିମକୋର୍ଟ ଏଭଳି ନିର୍ଦ୍ଦେଶ ଦେଇଥିବା କୁହାଯାଇଛି । ଗତବର୍ଷ ଡିସେମ୍ବର ୧୨ ତାରିଖରେ ଏକ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶନାମାରେ ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ କୌଣସି ନୂଆ ଆବେଦନ ଗ୍ରହଣ ନକରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାମଲାଗୁଡ଼ିକର ବିଚାର ଲାଗି ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ ଆସନ୍ତା ୪ ସପ୍ତାହ ମଧ୍ୟରେ ଜବାବ ରଖିବା ଲାଗି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ସ୍ୱତନ୍ତ୍ର ପୂଜାସ୍ଥଳୀ ଆଇନ୍ ବିରୋଧରେ ଆଗତ ମାମଲାକୁ ନିରସ୍ତ କରିବା ଲାଗି ଆବେଦନ କରାଯାଇଥିବା ଜଣାପଡିଛି ।

## ଇୟର ୟେଣ୍ଡର

୨୦୨୪ ବର୍ଷରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରିବା ଫଳରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ଆମ ସମ୍ବାଦଦାତା ଜଣାଇଛନ୍ତି ୨୦୨୪-୨୫ ଆର୍ଥିକ ବର୍ଷରେ ୧୯୬କୋଟି କାର୍ଯ୍ୟଦିବସ ସୃଷ୍ଟି କରାଯାଇ ୭ହଜାର ୪୯୧କୋଟି ଟଙ୍କା ପ୍ରଦାନ କରାଯାଇଛି । ଅନ୍ୟ ପଦକ୍ଷେପ ଗୁଡ଼ିକ ମଧ୍ୟରେ ଜାତୀୟ ମୋବାଇଲ ନୀରିକ୍ଷଣ ସେବା, ଜି.ଆଇ.ଏସ୍ ଆଧାରିତ ମହାକାଶ ଜ୍ଞାନକୌଶଳ, ଆଧାର ଦେୟ ପ୍ରଦାନ ବ୍ୟବସ୍ଥା, ଭୂ-ମନରେଗା ଏବଂ ଜଳଦୂତ ଭଳି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମନରେଗା ଯୋଜନାରେ ବିଶେଷ ଉନ୍ନତି ଅଣାଯାଇ ପାରିଛି । ଅନ୍ୟପକ୍ଷରେ କେନ୍ଦ୍ର କ୍ୟାବିନେଟ୍ ଗତବର୍ଷ ଅଗଷ୍ଟ ମାସରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଅଧିକ ୨କୋଟି ଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତାକୁ

ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହା ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଦେଶରେ ବାସଗୃହ ନଥିବା ଗ୍ରାମୀଣ ପରିବାରଗୁଡ଼ିକୁ ବାସଗୃହ ଯୋଗାଇବାରେ ସହାୟକ ହେବ ।

ଅନ୍ୟପକ୍ଷରେ ଗତବର୍ଷ ଡିସେମ୍ବର ୩୦ ତାରିଖ ସୁଦ୍ଧା ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ୩କୋଟି ୩୩ଲକ୍ଷ ଗୃହ ନିର୍ମାଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବାବେଳେ ୨ କୋଟି ୬୮ଲକ୍ଷ ବାସଗୃହ ନିର୍ମାଣ ହୋଇସାରିଛି । ଏହାଛଡା ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କ ଯୋଜନାରେ ୨୦୦୧ ଜନଗଣନା ଅନୁଯାୟୀ ୧ଲକ୍ଷ ୬୨ହଜାରରୁ ଅଧିକ ଜନବସତିକୁ ସଂଯୋଗ ସ୍ଥାପନ ପାଇଁ ବ୍ୟବସ୍ଥା କରାଯାଇଛି । ସୂଚନା ଅନୁଯାୟୀ ୨୪୨ଟି ଅପହଞ୍ଚ ଇଲାକାକୁ ସବୁଦିନିଆ ରାସ୍ତା ନିର୍ମାଣ କରାଯାଇଛି ।

## ଅମିତ୍ ଶାହା - ବୁକ୍ ରିଲିଜ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ନୂଆଦିଲ୍ଲୀରେ ଜମ୍ମୁ-କାଶ୍ମୀର ଓ ଲଦାଖ୍ ଉପରେ ଲିଖିତ ଏକ ପୁସ୍ତକ ଉନ୍ମୋଚନ କରିବେ । ଏହି ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ଶ୍ରୀ ଶାହା ମୁଖ୍ୟ ଅତିଥି ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନନୀୟ ଅତିଥି ଭାବେ ଯୋଗଦେବେ । ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ ଏବଂ ଭାରତୀୟ ଇତିହାସ ଗବେଷଣା ପରିଷଦଦ୍ୱାରା ମିଳିତ ଭାବେ ଉଭୟ ହିନ୍ଦୀ ଓ ଇଂରାଜୀ ଭାଷାରେ ଛପା ଯାଇଥିବା ଏହି ପୁସ୍ତକରେ ୩ ହଜାରରୁ ଅଧିକ ବର୍ଷ ଧରି ଜମ୍ମୁ-କାଶ୍ମୀର ଓ ଲଦାଖ୍ ଅଞ୍ଚଳର ଇତିହାସ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଆଜିକାର ଏହି ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ।

# ଓର୍‌ଲିଆନ୍ସ ଆଟାକ୍

ଯୁକ୍ତରାଷ୍ଟ୍ର ଆମେରିକାର ନିୟୁ ଓର୍ଲିଆନ୍‌ଠାରେ ଗତକାଲି ଜଣେ ବ୍ୟକ୍ତି ଜନଗହଳି ସ୍ଥାନରେ ଜାଣିଶୁଣି ଟ୍ରକ୍ ଚଢ଼ାଇ ଦେବାରୁ ପ୍ରାୟ ୧୫ ଜଣଙ୍କର ମୃତ୍ୟୁ ହୋଇଛି । ଏହାଛଡ଼ା ଅନ୍ୟ ୩୫ ଜଣ ଆହତ ହୋଇଥିବା ଜଣାଯାଇଛି । ଏହି ଦୁର୍ଘଟଣା ଘଟାଇଥିବା ବ୍ୟକ୍ତି ପୁଲିସ୍ ଗୁଳିରେ ନିହତ ହୋଇଛି । ଏହି ଦୁର୍ଘଟଣାକୁ ଏକ ସନ୍ତ୍ରାସବାଦୀ ଆକ୍ରମଣ ଭାବେ ଗ୍ରହଣ କରାଯାଇ ଅଧିକ ତଦନ୍ତ ଜାରି ରହିଛି । ଅନ୍ୟପକ୍ଷରେ ଆମେରିକାର ନ୍ୟୁୟର୍କରେ ଗତ ରାତିରେ ଏକ ନାଇଟ୍ କ୍ଲବରେ ଗୁଳିମାଡ଼ରେ ୧୧ଜଣ ଆହତ ହୋଇଛନ୍ତି । ରାତି ପ୍ରାୟ ୧୧ଟା ସମୟରେ ଗୁଳିମାଡ଼ ହୋଇଥିବା ସୂଚନା ମିଳିଛି । ନୂଆବର୍ଷ କାର୍ଯ୍ୟକ୍ରମ ପାଳନ ସମୟରେ ଆମେରିକାରେ ୩ଟି ସ୍ଥାନରେ ଏହିଭଳି ଘଟଣା ଘଟିଥିବା ଜଣାପଡିଛି ।

# ହକି ଇଣ୍ଡିଆ ଲିଗ୍

ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ଆଜି ସୁର୍‌ମା ହକି କ୍ଲବ ଏବଂ ୟୁପି ରୁଦ୍ରାସ ମଧ୍ୟରେ ସନ୍ଧ୍ୟା ୮ଟା ୧୫ ମିନିଟ୍‌ରେ ମ୍ୟାଚ୍ ଖେଳାଯିବ । ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଗତକାଲି ସଂଧ୍ୟାରେ ଆୟୋଜିତ ମ୍ୟାଚ୍‌ରେ ବେଙ୍ଗଲ ଟାଇଗର୍ସ ୨-୧ ଗୋଲ୍‌ରେ ଟିମ୍ ଗୋନାସିକାକୁ ପରାସ୍ତ କରିଛି ।

# ବ୍ରିସବେନ ଟେନିସ

ବ୍ରିସବେନ ଅନ୍ତର୍ଜାତୀୟ ଟେନିସ ଟୁର୍ଣ୍ଣାମେଣ୍ଟର ଆଜି ସକାଳେ ଅନୁଷ୍ଠିତ ପୁରୁଷ ଡବଲ୍ସ ମ୍ୟାଚ୍‌ର ପ୍ରି-କ୍ୱାର୍ଟର ଫାଇନାଲରେ ଭାରତର ରିତ୍ୱିକ ଚୌଧୁରୀ ବୋଲିପାଲି ଏବଂ ନେଦରଲ୍ୟାଣ୍ଡର ରବିନ ହାସେଙ୍କ ଯୋଡ଼ି ଅଷ୍ଟ୍ରେଲିଆର ରିଙ୍କି ହିଜିକାଟା ଏବଂ ଜେସମ କୁବଲରଙ୍କ ଯୋଡ଼ିଠାରୁ ହାରି ଯାଇଛନ୍ତି । ଅଷ୍ଟ୍ରେଲିଆ ଯୋଡ଼ି ଖେଳର ୬୫ତମ ମିନିଟ୍‌ରେ ୬-୪, ୬-୨ ସେଟ୍‌ରେ ଏହି ମ୍ୟାଚ୍ ଜିତିଥିଲେ ।

ବ୍ରିସବେନ ଅନ୍ତର୍ଜାତୀୟ ଟେନିସ ଟୁର୍ଣ୍ଣାମେଣ୍ଟ ବ୍ରିସବେନ, କୁଇନ୍ସଲ୍ୟାଣ୍ଡ, ଅଷ୍ଟ୍ରେଲିଆରେ ଆଉଟ୍‌ଡୋର ହାର୍ଡକୋଟରେ ଖେଳାଯାଇଥାଏ । ଟେନିସ କ୍ୟାଲେଣ୍ଡରରେ ଏହା WTA-500 ଏବଂ ATP-250 ର ମର୍ଯ୍ୟାଦା ଲାଭ କରିଛି ।